# Akashvani, Sambalpur

## SAMBALPURI NEWS BULLETIN

### 13 August 2024- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ ଦିଲ୍ଲୀଗସ୍ତ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ନ ହେବାର୍କେ ଥିବା କେନ୍ଦ୍ର ସଡ଼କ୍ ପରିବହନ୍ ଆର୍ ଜାତୀୟ ରାଜପଥ ମନ୍ତ୍ରଣାଲୟର ନିର୍ମାଣ ସମୀକ୍ଷା ବୈଠକ୍ଥି ଆଏଜ୍ ଯୋଗ୍ ଦେବେ । ଇଥିର୍ଲାଗି ଗଲାକାଏଲ୍ ସଞ୍ଜ୍ବେଲେ ଶ୍ରୀ ମାଝୀ ଦିଲ୍ଲୀ ଗସ୍ତ୍ଥି ଯାଇଛନ୍ । ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ ଭୁବ୍ନେଶ୍ୱର୍ ଫିର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍ଏନ୍ୟୁ /ସମ୍ବଲପୁର

ନେସ୍ନାଲ୍ ଇନ୍ଷ୍ଟିଚ୍ୟୁସନ୍ ରେଙ୍କିଙ୍ଗ୍ ଫ୍ରେମ୍ୱାର୍କ - ଏନ୍.ଆଇ.ଆର୍.ଏଫ୍.ଥି ଦେଶର୍ ସବୁ ୫୮ ହଜାର୍ ଉଚ୍ଚଶିକ୍ଷାନୁଷ୍ଠାନ୍ ସାମିଲ୍ ହେବାର୍ ଦର୍କାର୍ ବଲି କେନ୍ଦ୍ର

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଏନ୍.ଆଇ.ଆର୍.ଏଫ୍., ଇଣ୍ଡିଆ ରେଙ୍କିଙ୍ଗ୍‌ର ୯ ନମ୍ବର୍ ସଂସ୍କରଣ୍‌କେ ନୂଆଦିଲ୍ଲୀ ଠାନେ ଉନ୍ମୋଚନ୍ କର୍‌ବାର୍ ଅବ୍‌ସରେ ସେ କହିଛନ୍ ଯେ, ରେଙ୍କିଙ୍ଗ୍, ରେଟିଂ ଆଉ ମାନ୍ୟତା ଜାତୀୟ ଶିକ୍ଷାନୀତିର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ସୁପାରିଶ୍ ଆଏ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ଜାତୀୟ ଶିକ୍ଷା ନୀତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ସର୍‌କାରୀ ବିଶ୍ୱବିଦ୍ୟାଳୟର୍ କୁଳପତି, କଲେଜ୍ ଅଧ୍ୟକ୍ଷ ମାନ୍‌କୁ ନେଇକରି ଜାତୀୟ ଶିକ୍ଷାନୀତି - ୨୦୨୦ ବାବ୍‌ଦେ ଆଏଜ୍ ଭୁବ୍‌ନେଶ୍ୱର୍ ନ ଗୁଟେ ବୈଠକ୍ ହେବା । ଇନ ଇ ବଛର୍‌ନୁ ସ୍ନାତକ ସ୍ତର୍ ନ ଶିକ୍ଷା ନୀତି ଲାଗୁ କରାଯିବାର୍ ଉପ୍‌ରେ ମତ ନିଆଯିବା । ତାର୍‌ଉତ୍‌ରୁ ଭବିଷ୍ୟତ୍ କାର୍ଯ୍ୟକ୍ରମ୍ ତିଆର୍ କରାଯିବା ବଲି ଜନାପଡ଼ିଛେ । ରାଜ୍ୟଉଚ୍ଚଶିକ୍ଷା ପରିଷଦ୍ ତର୍‌ଫୁ ସ୍ନାତକ ଶ୍ରେଣୀର୍ ଲାଗି ୪୦ ଟା ବିଷେର୍ ପାଠ୍ୟକ୍ରମ୍ ଜାତୀୟ ଶିକ୍ଷାନୀତି ଅନ୍‌ସାରେ ତିଆର୍ କରାଯାଇଛେ । ବିଶ୍ୱବିଦ୍ୟାଳୟମାନ୍‌କର୍ ସିଡ଼ିସି ଥି ଭିଲ୍ ଇ ବାବ୍‌ଦେ ଆଲୋଚନା ହେଇଥିବାର୍ ଜନାପଡ଼ିଛେ ।

ଆଂଚଲିକ ଭାଷା କୃଷି ପରାମର୍ଶ କେନ୍ଦ୍ର ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଚଲ୍‌ତି ଖରିଫ୍ ଋତୁ ନ ୬୦ ଲାଖ୍ ୪୬ ହଜାର୍ ହେକ୍ଟର୍ ଜମି ନ ଚାଷ୍ କର୍‌ବାର୍ ଲାଗି ଲକ୍ଷ୍ୟ ଧାରିଜ୍ ହେଇଛେ ବଲି କୃଷି ବିଭାଗ୍‌ର ପ୍ରମୁଖ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ଫସଲ୍ ଆଉ ପାଣିପାଗ୍ ତଦାରଖ୍ କମିଟିର୍ ଗୁଟେ ବୈଠକ୍ ଉତ୍‌ରୁ ସେ କହିଛନ୍ ଯେ, ଗଲା ୯ ତାରିଖ୍‌ତକ୍ ଖରିଫ୍ ଫସଲ୍ କାମ୍‌ଥି ୬୩ ପ୍ରତିଶତ୍ ଅଗ୍ରଗତି ହେଇଛେ । ରାଏଜେ ଧାନ୍‌ରୁଆ କାମ୍ ଜୋର୍‌ଦାର୍ ଚାଲିଛେ । ଇହାଦେତକ୍ ସ୍ୱାଭାବିକ୍ ନୁ ୯ ପ୍ରତିଶତ୍ କମ୍ ବର୍ଷା ହେଇଥିବାର୍ ଜନାପଡ଼ିଛେ ।
ବୈଠକ୍‌ଥି ଆଂଚଲିକ୍ ଭାଷା ନ କୃଷି ପରାମର୍ଶ ସୂଚ୍‌ନା ଜାରି କରିକରି ଚାଷୀମାନ୍‌କର୍ ସମସ୍ୟାର୍ ସମାଧାନ୍ କର୍‌ବାର୍ ଯୋଜ୍‌ନା ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା ।

ନଗର୍ ଉନ୍ନୟନ୍ ମନ୍ତ୍ରୀ ସମୀକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶା ରାଜ୍ୟ ଗୃହନିର୍ମାଣ ବୋର୍ଡ଼ର ସମୀକ୍ଷା

କରିଛନ୍ । ବୋର୍ଡ଼ର ପ୍ରକଳ୍ପ ଇଲାକା ନ ଜବର୍ଦଖଲ୍ ବାବ୍ଦେ ବୈଠକ୍ଥି ବିସ୍ତୃତ୍ ଆଲୋଚନା ଉତ୍ରୁ ଜମିନ୍ମାନ୍କୁ ଜଲ୍ଦି ମୁକ୍ଲାବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଥିଲେ ।

ରାଜ୍ୟର୍ ୨୧ ଟା ଜିଲ୍ଲା ନ ବୋର୍ଡ଼ର ଭିନ୍ ଭିନ୍ କାମ୍ ଚାଲିଥିବାର୍ ବେଲେ ରାଉର୍କେଲା- ଭୁବ୍ନେଶ୍ୱର୍ ଠାନେ ପ୍ରକଳ୍ପ ମାନ୍ ଚାଲିଛେ । ବୋର୍ଡ଼ ତର୍ଫୁ ଇହାଦେତକ୍ ୩୨ ହଜାର୍ ୩ ଶହ ୪୩ ଟା ଘର୍ ଆର୍ ପ୍ଲଟ୍ ବିକଶିତ୍ କରାଯାଇଥିବାର୍ ଜନାପଡ଼ିଛେ । ଆଏବା ଦିନ୍ମାନ୍କେ ସହର୍ ଇଲାକାର୍ ସମସ୍ତଙ୍କର୍ ଲାଗି ଘର୍ ଯୋଜ୍ନାଥି ୫୦ ହଜାର୍ ପ୍ଲଟ୍ ଆର୍ ଘର୍ ଯୁଗେଇ ଦେବାର୍କେ ବୋର୍ଡ଼ ତର୍ଫୁ ଲକ୍ଷ୍ୟ ରଖାଯାଇଛେ । ସେନ୍ତା ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବର୍ଗଡ଼୍, ବଲାଙ୍ଗିର୍, କଲାହାଣ୍ଡି ବାଗିର୍ ଜିଲ୍ଲାମାନ୍କେ ୫ ଶହ ୨୦ ଏକଡ଼୍ ଜମି ଅଧିଗ୍ରହଣ୍ କରାଯିବା ।

ଉପମୁଖ୍ୟମନ୍ତ୍ରୀ ତିରଙ୍ଗା ଯାତ୍ରା ଆର୍ଏନ୍ୟୁ / ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ପୁରୀ ଜିଲ୍ଲା ନିମାପଡ଼ା ଠାନେ ହେବାର୍କେ ଥିବାର୍ ତିରଙ୍ଗା ପଦଯାତ୍ରାଥି ଯୋଗ୍ ଦେବେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍ଥି ସାରାଦେଶେ ହର୍ଘର୍ ତିରଙ୍ଗା କାର୍ଯ୍ୟକ୍ରମ୍ ଜାରି ରହିଛେ ।

ଭବିଷ୍ୟତ୍ ପିଢ଼ି ଭିତ୍ରେ ଦେଶପ୍ରେମ୍ର ଭାବ୍ନା ଜଗାବାର୍ କର୍ବାର୍ ସହେତେ ବିକଶିତ ଭାରତ୍ ଲାଗି ବିକଶିତ ଓଡ଼ିଶାର୍ ବାର୍ତା ପ୍ରଚାର୍ ଉଦ୍ଦେଶ୍ୟ୍ରେ ଉପମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱ ନ ଇ ପଦଯାତ୍ରା ଆୟୋଜନ୍ କରାଯାଇଛେ ।

ବିଶ୍ୱ ଅଙ୍ଗଦାନ୍ ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ଅଙ୍ଗଦାନ୍ ଦିବସ୍ । ଇଥରର୍ ଇ ଦିବସ୍ର ବିଷେ ରହିଛେ 'କାହାରିର୍ ହସିର୍ ଲାଗି ଆଏଜ୍ ନିଜେ ସହାୟକ ହୁଅ' । ସେଆଡ଼େ ଅଙ୍ଗଦାନ୍ କ୍ଷେତ୍ରଥି ପୂର୍ବାଂଚଲ ରାଜ୍ୟମାନ୍କର୍ ଭିତ୍ରେ ଓଡ଼ିଶା ଆଗାଡ଼େ ରହିଛେ । ଇହାଦେତକ୍ ରାଏଜେ ୧୭ ଟା ଅଙ୍ଗଦାନ୍ ହେଇଛେ । ଇହାଦେ ସର୍କାରୀ ହସ୍ପିଟାଲ୍ ନ ଚିକିସ୍ଛିତ୍ ହେଉଥିବା ବ୍ରେନ୍ ଡେଡ୍ ରୋଗୀ ମାନ୍କର୍ ଅଙ୍ଗଦାନ୍ ଉପ୍ରେ ଜୋର୍ ଦିଆଯାଉଛେ । ଇଥି ବହୁତ୍ ମୂଲ୍ୟବାନ୍ ଜୀବନ୍ ବଂଚାଯାଇପାର୍ବା । ଇ ବଛର୍ ଇହାଦେତକ୍ ଓଡ଼ିଶା ନ ୯ ଟା ଅଙ୍ଗଦାନ୍ ହେଇଛେ । ହୃତ୍ପିଣ୍ଡ, କିଡ୍ନୀ ଆଉ ଯକୃତ ବାଗିର୍ ଜୀବନ୍ ରକ୍ଷାକାରୀ ଅଙ୍ଗଦାନ୍ ଲାଗି ରାଜ୍ୟ ସର୍କାର୍ ସୁରଜ୍ ପୁରସ୍କାର୍ ଆଉ ଗାର୍ଡ଼ ଅଫ ଅନରର ବ୍ୟବସ୍ଥା ପ୍ରଚଲନ୍ କରିଛନ୍ ।

ନୂଆ ଜିଲ୍ଲାପାଳ୍-ସମ୍ବଲପୁର          ଆର୍ଏନ୍ୟୁ /ସମ୍ବଲପୁର

୨୦୧୬ ବେଚ୍‌ର ଆଇଏଏସ୍ ଅଧିକାରୀ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର ସମ୍ବଲ୍‌ପୁର୍‌ର ଜିଲ୍ଲାପାଳ୍ ଭାବେ ଗଲାକାଏଲ୍ ଦାୟିତ୍ୱ ଗ୍ରହଣ୍ କରିଛନ୍ । ସେ ଇଟାର୍ ଆଗ୍‌ରୁ ଭଦ୍ରକ୍‌ର ଜିଲ୍ଲାପାଳ୍ ଥିଲେ । ସେ ସମ୍ବଲ୍‌ପୁରେ କାର୍ଯ୍ୟଭାର ଗ୍ରହଣ୍ କଲା ଉତ୍‌ରୁ ଜିଲ୍ଲା ପ୍ରଶାସନ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ବୈଠକ୍ କରିଥିଲେ ।

କ୍ୟୁଆର୍ କୋଡ୍ ଟିକଟ୍ ପେମେଂଟ୍          ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍‌ର ଭିନ୍ ଭିନ୍ ରେଲ୍‌ଷ୍ଟେସନ୍ ନ ଟିକଟ୍ ଘିନ୍‌ଲା ବେଲେ ଯାତ୍ରୀମାନେ ଏତ୍‌କର୍ କ୍ୟୁଆର୍ କୋଡ୍ ସ୍କେନ୍ କରିକରି ଦେୟ ଦେଇପାର୍‌ବେ । ଡିଜିଟାଲ୍ ପେମେଂଟ୍‌କେ ତହଁକାବାର୍ ଉଦ୍ଦେଶ୍ୟ‌ଥି ରେଲ୍ ଡିଭିଜନ୍‌ର ସବୁ ରେଲ୍‌ଷ୍ଟେସନ୍ ମାନ୍‌କର୍ ଟିକଟ୍ ବୁକିଂ କାଉଂଟର୍‌ଥି କ୍ୟୁଆର୍ କୋଡ୍ ଡିସ୍‌ପ୍ଲେ ସେବା ଲଗାବାର୍‌କେ ପଦକ୍ଷେପ୍ ନିଆଯାଇଛେ । ଅଗଷ୍ଟ ୧୫ ତକ୍ ସବୁ ୟୁଟିଏସ୍ କାଉଂଟର୍ ଆଉ ଇ ମାସର୍ ଶେଷ୍‌ତକ୍ ସବୁ

ପିଆର୍ଏସ୍ କାଉଂଟର୍ ମାନ୍କେ କ୍ୟୁଆର୍ କୋଡ୍ ଜରିଏ ଟିକେଟ୍ ଘିନ୍ବାର୍ ସୁବିଧା ହେବା ବଲି ଡିଭିଜନ୍ ତର୍ଫୁ କୁହାଯାଇଛେ ।

ଘରଡିହ ରାଜସ୍ୱ ମନ୍ତ୍ରୀ ଆର୍ଏନ୍ୟୁ / ସମ୍ବଲପୁର

ଆଏବା ୫ ବରସ୍ ଉତ୍ରୁ ରାଏଜେ କେହି ଭୂମିହୀନ କି ବାସହୀନ ନାଇଁ ରହନ୍ । ଇଥିର୍ଲାଗି ରାଜ୍ୟସର୍କାର୍ ଯୋଜ୍ନା ତିଆର୍ କରୁଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ ଭୁବ୍ନେଶ୍ୱର୍ଠାନେ ଗଣମାଧ୍ୟମ୍କେ କହିଛନ୍ ଯେ, ଯେନ୍ମାନେ ପ୍ରକୃତ୍ ହିତାଧିକାରୀ ଆଉ ବାର୍ଷିକ୍ ଆୟ ୧ ଲାଖ୍ ଟଙ୍କା ରହିଛେ ସେମାନ୍କର୍ ୪ ଡିସ୍ମିଲ୍ ଜମି ପଟ୍ଟା ଦିଆଯିବା ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

ଆଏବା ୧୫ ତାରିଖ୍ ଦିନ ୭ ଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ଅନୁମାନ୍ ଥିବାର୍ନୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତର୍କ ସୂଚ୍ନା ଜାରି କରିଛନ୍ । ବଙ୍ଗୋପ୍ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଳୟର୍ ବଲେ ଆଏଜ୍ ବିଜ୍ଲି ମାର୍ବାର୍ ସହେତେ ବର୍ଷା ହେବା ।

ଆଏବା କାଏଲ୍ ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବର୍ଗଡ଼୍, ଦେବ୍ଗଡ଼୍, ଅନୁଗୁଲ୍ ବାଗିର୍ ଜିଲ୍ଲାମାନ୍କେ ୭ ନୁ ୧୧ ସେଂଟିମିଟର୍ ବର୍ଷା ହେବାର୍ ଅନୁମାନ୍ ଥିବାର୍ନୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।